# Akashvani, Sambalpur

## SAMBALPURI NEWS EVENING BULLETIN

## 28 December 2024- 7.02 pm- 7.12 pm.

**********************************************

୧- ଆକାଶ୍‌ବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଅଦିନିଆ ବର୍ଷାଥି ହେଇଥିବା ଫସଲ୍ ନୁକ୍‌ସାନ୍‌ର ଆକଲନ୍ ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ବର୍‌ଗଡ଼େ ଚାଲିଛେ ଜୋର୍‌ସୋର୍ ପ୍ରସ୍ତୁତି ।

ଆଉର୍

୪- ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଆଏଜ୍ ମୁଲ୍ ହେଉଛେ ହକି ଇଣ୍ଡିଆ ଲିଗ୍ ।

- ଗୋନାସିକା ଆର୍ ଦିଲ୍ଲୀ ପାଇପର୍ସ ଭିତ୍‌ରେ ଉଦ୍‌ଘାଟନୀ ମୁକାବିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଫସଲହାନୀ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଅଦିନିଆ ବର୍ଷା ଲାଗି ରାଏଜେ ହେଇଥିବା ଫସଲ୍ ହାନୀର୍ ସମୀକ୍ଷା କରିଛନ୍ । ବର୍ଷାଥି କ୍ଷତି ସହିଥିବା ଗୁଟେ ବି ଚାଷୀ ଯେନ୍ତା ସାହାଜ୍ ପାଏବାର୍‌ନୁ ବାଦ୍ ନାଇଁ ପଡ଼୍‌ବେ ତାର୍ ଉପ୍‌ରେ ଧ୍ୟାନ ଦେବାର୍‌କେ ମୁଖ୍ୟମନ୍ତ୍ରୀ-ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ୩୦ ତାରିଖ୍ ଭିତ୍‌ରେ ଫସଲ୍ ହାନୀର୍ ସଠିକ୍ ଆକଲନ୍ ସହେତେ କ୍ଷତିଗ୍ରସ୍ତ ଚାଷୀମାନ୍‌କୁ ଚିହ୍ନଟ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୀମା କରିଥିବା ଚାଷୀମାନେ ଧାରିଜ୍ ସମିଆ ଭିତ୍‌ରେ ଫସଲ୍ ହାନୀ ବାବ୍‌ଦେ ବୀମା କମ୍ପାନୀମାନ୍‌କୁ ସୂଚ୍‌ନା ଦେବେ । ସେଥିର୍‌ଲାଗି ସେମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ଏବ୍‌ତକ୍ ୧ ଲାଖ୍ ୨୬ ହଜାର୍ ଚାଷୀ ଫସଲ୍‌ହାନୀ ବାବ୍‌ଦେ ସୂଚ୍‌ନା ଦେଇଛନ୍ ବଲି ବୈଠକ୍‌ନୁ ଜନାପଡ଼ିଛେ । ଆଏବା କାଏଲ୍‌ତକ୍ ସବୁ ବୀମାଭୁକ୍ତ ଚାଷୀ ନିଜର୍ ଫସଲ୍ ନୁକ୍‌ସାନ୍ ବାବ୍‌ଦେ ସୂଚ୍‌ନା ଦେବାର୍‌କେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ୍ ଜରିଆଥି ଅନୁରୋଧ୍ କରିଛନ୍ । ଇତାର୍‌ସହେତେ କୃଷି ରକ୍ଷକ ପୋର୍ଟାଲ୍ ଜରିଏ କି ହେଲ୍ପ ଲାଇନ୍ ନମ୍ବର୍ ୧୪୪୪୭ ଥି ଯୋଗାଯୋଗ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ ।

ବୈଠକ୍‌ରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ସଚିବମାନେ ଯୋଗ୍ ଦେଇଥିଲେ ।

ମନମୋହନ ସିଂ ଅନ୍ତିମ ସହାର୍ ଆର୍‌ଏନ୍‌ୟୁ/ କଟକ

ଆଘର୍ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ୍ ସିଂହଙ୍କର ନୂଆଦିଲ୍ଲୀର ନିଗମବୋଧ ଘାଟ୍‌ଠାନେ ପୂରା ରାଷ୍ଟ୍ରୀୟ ମର୍ଯ୍ୟାଦାଥି ଶେଷକୃତ୍ୟ ସରିଛେ । ସ୍ୱର୍ଗତ୍ ସିଂଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯିବାର୍ ଉତ୍‌ରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଆଏଜ୍ ସକାଲୁ କଂଗ୍ରେସ ମୁଖ୍ୟାଳୟନୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କର୍ ପାର୍ଥିବ ଶରୀର୍‌କେ ଅନ୍ତିମ ଯାତ୍ରାଥି ନିଗମବୋଧ୍ ଘାଟ୍‌କେ ନିଆଯାଇଥିଲା । ଇନେ ଜନେଇ ଦିଆଯାଇପାରେ ଯେ, ଗଲା ୨୬ ତାରିଖ୍ ଦିନ ୯୨ ବଛର୍ ବଏସେ ଡକ୍ଟର ମନମୋହନ ସିଂହଙ୍କର ପରଲୋକ ହେଇଥିଲା ।

ଧର୍ମେନ୍ଦ୍ର ପ୍ରଧାନ -ଆଇଆଇଟି ଭୁବନେଶ୍ୱର     ହି.ସ.

 ବିକଶିତ୍ ଭାରତ୍ ଆର୍ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ଛାତ୍ରଛାତ୍ରୀମାନ୍‌କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ । ଖୋର୍ଦ୍ଧା ଜିଲ୍ଲା ଜଟଣୀଠାନେ ଥିବା ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ୍-ଆଇଆଇଟି ଭୁବନେଶ୍ୱର୍‌ର ୧୨ ଆର୍ ୧୩ ନମ୍ବର ସମାବର୍ତ୍ତନ ଉତ୍ସବ୍‌ଥି ଉଦ୍‌ବୋଧନ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନିଯୁକ୍ତି ସୁଯୋଗ ସୃଷ୍ଟି କର୍‌ବାର୍ ଦିଗେ କାମ୍ କର୍‌ବାର୍‌କେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍, ଭାରତ୍ ପୁର୍‌ଥିର ୩ ନମ୍ବର ବୃହତ୍ ଅର୍ଥନୀତି ହେବାର୍‌କେ ଯାଉଛେ । ଇଥି ଓଡ଼ିଶାର୍ ଭିଲ୍ ବିକାଶ୍ ହେବା । ଇ ଉଧେ କେନ୍ଦ୍ରମନ୍ତ୍ରୀ ନବସୃଜନ ଆର୍ ଅନୁସନ୍ଧାନ୍ ଦିଗେ କାମ୍ କର୍‌ବାର୍‌କେ ଛାତ୍ରଛାତ୍ରୀମାନ୍‌ଙ୍କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-ଧର୍ମେନ୍ଦ୍ର ପ୍ରଧାନ)

ଇ ଅବ୍‌ସରେ ୨୦୨୨-୨୩ ଆଉ ୨୩-୨୪ ଶିକ୍ଷା ବଛର୍ ଲାଗି ୧ ହଜାର୍ ୩ ଶହ ୮୮ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଦିଆଯାଇଛେ । ଇତାର୍‌ବାଦ୍ ୮ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ୍ ଆଉ ୪୪ ଝନ୍‌ଙ୍କୁ ରୌପ୍ୟ ପଦକ୍ ଦିଆଯାଇଛେ ।

ପୁସ୍ତକ ଉନ୍ମୋଚନ          ଆର୍‌ଏନ୍‌ୟୁ/ ସମ୍ବଲପୁର୍

ସମ୍ବଲପୁର ତପସ୍ୱିନୀ ହଲ୍‌ଠାନେ ଆଏବା କାଏଲ୍ ସାଢ଼େ ୩ ବଜେ ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ ତର୍‌ଫୁ ପ୍ରକାଶିତ ‘ଦି ସାଗା ଅଫ୍ କୁଦୋପାଲି- ଦି ଅନ୍‌ସଙ୍ଗ୍ ଷ୍ଟୋରୀ ଅଫ୍ ୧୮୫୭’ ବହି ଉନ୍ମୋଚନ୍ ହେବା । ଗୁଟେ ସ୍ୱତନ୍ତ୍ର ସମାରୋହଥି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି ବହିର୍ ଉନ୍ମୋଚନ୍ କର୍‌ବେ ।

ବଡ଼ଗଡ଼ ଧନୁଯାତ୍ରା    ବରଗଡ଼

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆର୍ ୫ ଦିନ୍ ଉତ୍‌ରୁ ମୁଲ୍ ହେବା । ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଂଚର୍ ପରିଚୟ ପାଇଥିବାର୍ ଇ ଯାତ୍ରା ଲାଗି ପୁଲିସ ଆଉ ଜିଲ୍ଲା ପ୍ରଶାସନ ତର୍‌ଫୁ ବ୍ୟାପ୍ ପ୍ରସ୍ତୁତି ଚାଲିଛେ । ଇ ବାବ୍‌ଦେ ଆମର୍ ବରଗଡ଼ ସମ୍ବାଦଦାତାଙ୍କର ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

ହକି ଲିଗ୍      ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ଆଏଜ୍‌ଠାନୁ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାନେ ମୁଲ୍ ହେଉଛେ । ଦୁଇଟା ଖେପେ ହେବାର୍‌କେ ଥିବା ଇ ପ୍ରତିଯୋଗିତାର୍ ପହେଲା ଖେପ୍ ଆଏବା ମାସ ୧୮ ତାରିଖ୍ ତକ୍ ଚାଲ୍‌ବା । ଇ ବାବ୍‌ଦେ ହକିଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ଦିଲ୍ଲୀପ୍ ତିର୍କି)

ଗୋନାସିକା ଟିମ୍ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଦଲ୍ ଭିତ୍‌ରେ ଆଏଜ୍ ଉଦ୍‌ଘାଟନୀ ମେଚ୍ ଖେଲାଯିବା । ଇ ମେଚ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ଖେଲାଯିବା । ପ୍ରତିଯୋଗିତାଥି ଖେଲାଲିମାନେ ସେମାନ୍‌କର୍ ଶ୍ରେଷ୍ଠ ପ୍ରଦର୍ଶନ୍ ଦେବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ଗୋନାସିକା ଦଲର୍ ଖେଲାଲୀ ନୀଲମ୍ ସଞ୍ଜିବ୍ ଖେଁସ୍ ଆକାଶବାଣୀକେ କହିଛନ୍...

(ଭଏସ୍ ଓଭର୍-ଖେଲାଲୀ)

ଆଏବା ମାସର୍ ୩୧ ତାରିଖ୍ ଦିନ ୨ ଟା ଯାକ ସେମି ଫାଇନାଲ୍ ମେଚ୍ ଆର୍ ଫେବୃୟାରୀ ୧ ତାରିଖ ଫାଇନାଲ୍ ମ୍ୟାଚ୍ ଖେଲାଯିବା ।

ହେଲେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଡକ୍ଟର୍ ମନ୍‌ମୋହନ୍ ସିଂଙ୍କର୍ ପରଲୋକ୍ ଲାଗି ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଲନ୍ ହେଉଥିବାର୍‌ନୁ ଉଦ୍‌ଘାଟନୀ ସମାରୋହ ସାଦାସିଧା ହିସାବେ ହେବା ।

ଭାରତୀୟ କପା ନିଗମ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଭାରତୀୟ କପା ନିଗମ୍ ଲିମିଟେଡ୍‌ର ସିଏମ୍‌ଡି ଲଲିତ୍ ଗୁପ୍ତା ଭେଟିଛନ୍ । ଇ ଉଧେ ଓଡ଼ିଶାର୍ କପାର୍ ଚାହିଦା ରହିଥିବାର୍‌ନୁ କପା ଉତ୍ପାଦନ୍, ବିକ୍ରି ବ୍ୟବସ୍ଥା ଆର୍ ଇ ଦିଗେ ଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା ହେଇଥିଲା । ଇତାର୍‌ଛଡ଼ା ଭବିଷ୍ୟତ୍‌ରେ ଭାରତୀୟ କପା ନିଗମ୍ ଆର୍ ଓଡ଼ିଶା ସର୍‌କାର୍‌ଙ୍କର୍ ମିଲିତ୍ ଉଦ୍ୟମ୍‌ଥି ନିଆଯିବାର୍‌କେ ଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେଇଥିଲା । ଇହାଦେ ରାଏଜେ ନ ୨ ଲାଖ୍ ୩୯ ହଜାର୍ ହେକ୍ଟର୍ ଜମିଥି କପା ଚାଷ୍ ହେଉଛେ । ଇ ବଛର୍ ୪୦ ଲାଖ୍ କ୍ୱିଂଟାଲ୍ କପା ଉତ୍ପାଦନ୍ ଲକ୍ଷ୍ୟ ରଖାଯାଇଛେ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆର୍‌ଏନ୍‌ୟୁ/ କଟକ

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଲାଗି ଆବେଦନ୍ କର୍‌ବାର୍ ସମିଆକେ ଜାନୁୟାରୀ ମାସର୍ ୧୫ ତାରିଖ୍ ତକ୍ ବଢ଼ାଯାଇଛେ । ଆଘୋନୁ ଆବେଦନ୍‌ର ଶେଷ୍ ତାରିଖ ୬ ତାରିଖ୍ ଥିଲା । ଶିକ୍ଷକ୍ ଆଉ ଅଲ୍‌ଗା ଅଧିକାରୀମାନେ ଭିନ୍

ଭିନ୍ କାମ୍‌ଥି  ସାମିଲ୍ ଥିବାର୍‌ନୁ ଇତାର୍ ଉପ୍‌ରେ ବିଚାର୍ କରିକରି ଆବେଦନ୍‌ର ସମିଆକେ ବଢ଼ାଯାଇଛେ । ଆଏବା ମାସ ୧୫ ତାରିଖ୍ ତକ୍ MSP.Odisha.gov.in ଜରିଏ ୭ଟା ବର୍ଗଥି ଭିନ୍ ଭିନ୍ ପୁରସ୍କାର୍ ଲାଗି ଆବେଦନ୍ କରାଯାଇ ପାର୍‌ବା ।

ସୁଦର୍ଶନ ପୂଜାରୀ ପରଲୋକ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦର୍ଶନ ଶାସ୍ତ୍ରର୍ ଅଧ୍ୟାପକ, ସାହିତ୍ୟିକ୍ ଆଉ ପ୍ରାବନ୍ଧିକ୍ ଡକ୍ଟର ସୁଦର୍ଶନ ପୂଜାରୀଙ୍କ ଆଏଜ୍ ସକାଲ୍‌ବେଲା ପରଲୋକ୍ ହେଇଯାଇଛେ । ତାଙ୍କୁ ୭୫ ବଛର୍ ବଏସ୍ ହେଇଥିଲା । ସେ ଗଲା କିଛିଦିନ୍ ହେଲା ଅସୁସ୍ଥ ହେଇକରି ଘରେ ଚିକିତ୍ସିତ୍ ହେଉଥିଲେ । ପ୍ରଫେସର୍ ପୂଜାରୀଙ୍କର୍ ବିୟୋଗ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜନେଇକରି ସ୍ୱର୍ଗତ ଆତ୍ମାର୍ ସଦ୍‌ଗତି କାମ୍‌ନା କରିଛନ୍ । ତାଙ୍କର ବିୟୋଗ ଶିକ୍ଷା ଜଗତ୍ ଲାଗି ଗୁଟେ ଅପୂରଣୀୟ କ୍ଷତି ବଲି ଶ୍ରୀ ପ୍ରଧାନ କହିଛନ୍ ।

ସୁରେଶ୍ୱରୀ ମନ୍ଦିର- ଅତିଥି ଭବନ୍        ହି.ସ.

ଓଡ଼ିଶା ରାଜ୍ୟ ପର୍ଯ୍ୟଟନ୍ ନିଗମ୍ - ଓଟିଡିସି ତର୍ଫୁ ସୋନ୍ପୁର୍ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ମନ୍ଦିର୍ ପରିସର ନ ଗୁଟେ ଅତିଥି ଭବନ୍ ତିଆର୍ କରାଯିବା । ବିଭାଗୀୟ ପ୍ରମୁଖ ଯନ୍ତ୍ରୀ -୩ କୋଟି ୮୦ ଲାଖ୍ ଟଙ୍କାଥି ତିଆର୍ ହେବାର୍କେ ଥିବା ଇ ଅତିଥି ଭବନ୍ର ଆଏଜ୍ ଶିଲାନ୍ୟାସ୍ କରିଛନ୍ । କାର୍ଯ୍ୟକ୍ରମ୍ଥି ଆଘର୍ ବିଚାର୍ପତି ଜଷ୍ଟିସ୍ ସି.ଆର୍. ଦାସ, ପୌର ଅଧକ୍ଷା ତାମସୀ ତମସ୍ମିତା ନାୟକ୍ ଆର୍ ବହୁବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲ୍ପୁର୍

ପଶ୍ଚିମାଝଡ଼ ପ୍ରଭାବ୍ଥି ଆଏଜ୍ଠାନୁ ୨ ଦିନ୍ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହାଲ୍କାନୁ ମଧମ୍ ଧରଣର୍ ବର୍ଷା ଲାଗି ରହେବା । ଇତାର୍ବଲେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କଲାହାଣ୍ଡି ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍ତକ୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ପୂର୍ବାନୁମାନ୍ କରାଯାଇଛେ ।